## ସଂକ୍ଷେପରେ

### ବାଲ୍ୟବିବାହ ରୋକିବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୩।୧୨:** ଓଡ଼ାପଡ଼ା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ତ୍ରୈମାସିକ ଶିଶୁ ସୁରକ୍ଷା ଟାସ୍କ କମିଟି ବୈଠକ ତଥା 'ଶିଶୁପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତିଙ୍କ ଅଧକ୍ଷତାରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିବେଦିତା ତ୍ରିପାଠୀ ଯୋଗଦେଇ ବାଲ୍ୟବିବାହ ରୋକିବା ପାଇଁ ମିଳିତ ପ୍ରୟାସ କରିବାକୁ ସରପଞ୍ଚଙ୍କୁ ଆହ୍ୱାନ ଦେଇଥିଲେ। ସୁପରଭାଇଜର ତପସ୍ୱିନୀ ପୃଷ୍ଟି, ମୋନାଲିସା ରାଉତ ଅଙ୍ଗନୱାଡି କାର୍ଯ୍ୟକ୍ରମ ଏବଂ ଆଗାମୀ ତ୍ରୈମାସିକ ଯୋଜନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୋଲୋ ଶିଶୁଙ୍କ ମୌଳିକ ଶିକ୍ଷାକୁ ସୁନିଶ୍ଚିତ କରାଇବା ପାଇଁ ପଦକ୍ଷେପ ନେବା ନିମନ୍ତେ ସହଯୋଗ ରହିବ ବୋଲି କହିଥିଲେ। ଡା. ଅଙ୍କିତା ପାଲ, ବାଲ୍ୟ ବିବାହର କୁପରିଣତି କିଭଳି ସମାଜ ଉପରେ ପଡ଼ିଥାଏ, ସେ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ବାଲ୍ୟ ବିବାହକୁ ରୋକିବା ସମ୍ପର୍କରେ ବୁଝାଇଥିଲେ। ବିଡୋ ପଞ୍ଚାୟତର ବାଳିକା ଅନସୂୟା ପ୍ରଧାନ ନିଜ ଗ୍ରାମରେ ବାଲ୍ୟ ବିବାହ ରୋକିବା ଦିଗରେ କାର୍ଯ୍ୟ କରି ସଫଳ ହୋଇଥିବା କହିଥିଲେ। ବ୍ଲକ ଉପାଧକ୍ଷ ଅମିତାବ ସ୍ୱାଇଁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଈଶ୍ୱର ଅଧକ୍ଷ ରବୀନ୍ଦ୍ର ବେହେରା, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସଭ୍ୟ ସୁବାସ ଚନ୍ଦ୍ର ସାହୁ, ଲକ୍ଷ୍ମୀ ପଣ୍ଡା, ସରପଞ୍ଚମାନେ ଯୋଗ ଦେଇଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୩।୧୨:** ଢେଙ୍କାନାଳ ସଦର ବ୍ଲକ ଜବାହର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି। ସିଆର୍‌ସିସି ଦୀନକୃଷ୍ଣ ପୋଥାଲଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସଦର ବିଇଓ ବ୍ରହ୍ମାନନ୍ଦ ରାଉତ, ସମ୍ମାନିତ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ହୃଷୀକେଶ ରଣା, ସହକାରୀ ଶିକ୍ଷକ ଶତ୍ରୁଘ୍ନ ସାମଲ, ମୁଖ୍ୟବକ୍ତା ଭାବେ ସିଆରସିସି ପଞ୍ଚାନନ ସୁନ୍ଦର ପାଣି ପ୍ରମୁଖ ଯୋଗଦେଇ ତାଙ୍କ କର୍ତ୍ତବ୍ୟନିଷ୍ଠାକୁ ପ୍ରଶଂସା କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷକ ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ସଞ୍ଜ ନଇଁଲେ ଶଙ୍କା

- ଅବହେଳା ପାଇଁ ଅଟକିଛି 'ସାପୁଆ' ବିକାଶ
- ବଣଭୋଜି ନିମନ୍ତେ ୫ କି.ମି. ବୁହା ହେଉଛି ପାଣି
- ନାଲିଫିତା ତଳେ କୋଟିଏ ଟଙ୍କାର ପ୍ରସ୍ତାବ

(ରତନ ନାୟାର)
ଢେଙ୍କାନାଳ ଅଫିସ, ୩।୧୨


ସାପୁଆ ଡ୍ୟାମ୍।

ଜଳଭଣ୍ଡାର ନୀଳ ଜଳରାଶି, ଘଞ୍ଚ ଶାଳ ଜଙ୍ଗଲର ଶାନ୍ତ ପରିବେଶ, ବନ୍ୟଜୀବନର ଅପୂର୍ବ ସମନ୍ୱୟ 'ସାପୁଆ'। କଂକ୍ରିଟ୍ ଜଙ୍ଗଲଠାରୁ ଦୂରରେ ପ୍ରକୃତିରାଣୀ ଏଠାରେ ଅଜାଡ଼ି ଦେଇଛି ସବୁକିଛି, ଯାହାର ଶୋଭା ଆକର୍ଷିତ କରୁଛି ସହରୀ ମଣିଷଙ୍କୁ। ତେବେ ସାରାଦିନ ସବୁଜିମା କୋଳରେ ବିତାଇ ସନ୍ଧ୍ୟାରେ ଘରକୁ ବାହୁଡ଼ିବା ବେଳକୁ ସୁରକ୍ଷା ଚିନ୍ତାରେ ପର୍ଯ୍ୟଟକ ହୋଇପଡୁଛନ୍ତି ଶଙ୍କାଗ୍ରସ୍ତ। ନିଛାଟିଆ ଅଞ୍ଚଳରେ ମଦ୍ୟପ, ଅସାମାଜିକଙ୍କ ରାଜୁତି ଏହି ଶାନ୍ତି ଇଲାକାକୁ କରିଦେଉଛି ଅସୁରକ୍ଷିତ। କେବଳ ସୁରକ୍ଷା ନୁହେଁ, ପାନୀୟ ଜଳ ସୁବିଧା ନ ଥିବାରୁ ବଣଭୋଜି ପାଇଁ ୫ କିଲୋମିଟର ଦୂରରୁ ବୁହା ହୋଇ ଆସୁଛି ପାଣି। ସରକାରୀ ଅବହେଳା ପାଇଁ ନାଲିଫିତା ତଳେ କୋଟିଏ ଟଙ୍କାର ପ୍ରସ୍ତାବ ଅଟକି ରହିଥିବାବେଳେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦଖଲ କରିବାକୁ ସଂଘର୍ଷ କରୁଛି 'ସାପୁଆ'।

ହିନ୍ଦୋଳ ବ୍ଲକ ରାସୋଳ ଅଞ୍ଚଳର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ 'ସାପୁଆ'କୁ ମିଳିଛି ଢେଙ୍କାନାଳ ଜିଲା ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ। ଭୁବନେଶ୍ୱରଠାରୁ ପ୍ରାୟ ୯୦ କିଲୋମିଟର ଏବଂ ଢେଙ୍କାନାଳଠାରୁ ୪୦ କିମି ଦୂରରେ ଅବସ୍ଥିତ ଏହି ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟନ ଋତୁରେ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସମାଗମ ହେଉଥିବାବେଳେ ବଣଭୋଜି ପାଇଁ ଏହା ପ୍ରକୃଷ୍ଟ ସ୍ଥାନ। ସେହିପରି ଢେଙ୍କାନାଳ, ଅନୁଗୋଳ ଜିଲାର ପ୍ରକୃତିପ୍ରେମୀ ଅପରାହ୍ନରେ ପ୍ରକୃତିର ଶୋଭାକୁ ଉପଭୋଗ କରିବା ପାଇଁ ଏଠାରେ ଭିଡ଼ ଜମାଇଥାଆନ୍ତି। ଜଳଭଣ୍ଡାରରୁ ଜଳ ନିଷ୍କାସନ ପାଇଁ ନିର୍ମାଣ କରାଯାଇଥିବା ସର୍ପିଳ କଂକ୍ରିଟ୍ ସ୍ଲୁଇସ୍ ଗେଟ୍ ଏହାକୁ ଅଧିକ ଆକର୍ଷଣୀୟ କରିଥିବାବେଳେ ନିକଟ ଜଙ୍ଗଲରୁ ପାଣି ପିଇବାକୁ ଆସୁଥିବା ହରିଣ, ହାତୀଙ୍କ ଜଳକ୍ରୀଡ଼ା ଦୃଶ୍ୟକୁ କ୍ୟାମେରାରେ କଏଦ କରିବାକୁ ଅନେକେ ଅପେକ୍ଷା କରିଥାଆନ୍ତି।

ତେବେ ଏଭଳି ଏକ ପର୍ଯ୍ୟଟନସ୍ଥଳୀ ସରକାର ଏବଂ ପ୍ରଶାସନିକ ଅବହେଳାରୁ ଅବହେଳିତ ଅବସ୍ଥାରେ ରହିଛି। ଏହାକୁ ନୂଆ ରୂପ ଦେବାକୁ ୨୦୧୯ରେ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ୧ କୋଟି ଟଙ୍କାର ପ୍ରସ୍ତାବ ସରକାରଙ୍କୁ ଦିଆଯାଇଥିଲା। ହେଲେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ। ପିଇବା ପାଣି ସୁବିଧା ନ ଥିବାରୁ ସାପୁଆଠାରୁ ୫ କିଲୋମିଟର ପୂର୍ବରୁ ଥିବା ରାସୋଳ-ତେଲିଭୂଇଁ ଛକରୁ ପର୍ଯ୍ୟଟକଙ୍କୁ ପାଣି ବୋହି ନେବାକୁ ପଡୁଛି। ଆଲୋକ ବ୍ୟବସ୍ଥା ନ ଥିବାରୁ ସଞ୍ଜ ନଇଁଲେ ଅସାମାଜିକଙ୍କ ଆଡ୍ଡା ପାଲଟୁଛି ସାପୁଆ। ପରିବାର ସହ ଆସିଥିବା ପର୍ଯ୍ୟଟକଙ୍କ ସୁରକ୍ଷା ସନ୍ଦିହାନ ହୋଇପଡୁଥିବାରୁ ସେମାନେ ତରବରିଆ ଭାବେ ଫେରିବାକୁ ବାଧ ହେଉଛନ୍ତି। ଆଲୋକୀକରଣ ବ୍ୟବସ୍ଥା, ପାର୍କିଂ ସୁବିଧା ସହ କେତେକ ଦୋକାନ ଖୋଲିବାକୁ ଅନୁମତି ଦିଆଗଲେ ଏହି ପର୍ଯ୍ୟଟନ ସ୍ଥଳୀ ଅଧିକ ଚଳଚଞ୍ଚଳ ହୋଇପାରନ୍ତା। ସେହିପରି କନ୍ଧରା-ସାତକୋଶିଆ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ଏହି ପର୍ଯ୍ୟଟନସ୍ଥଳୀରେ ୱାଚ୍ ଟାୱାର କରାଗଲେ ଦୂରଦୂରାନ୍ତର ଯାଏ ସବୁଜିମା, ବନ୍ୟଜୀବନକୁ ଉପଭୋଗ କରିହେବ। ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛାଶକ୍ତି ଏବଂ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ଦେଲେ 'ସାପୁଆ'ର ବିକାଶ ପାଇଁ ବାଟଫିଟନ୍ତା ବୋଲି ମତପ୍ରକାଶ ପାଇଛି।

### ପାନୀୟ ଜଳ ପ୍ରମୁଖ ସମସ୍ୟା

ସାପୁଆ ପୂର୍ବ ଅପେକ୍ଷା ଅଧିକ ଆକର୍ଷଣୀୟ ହୋଇଛି। ହେଲେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରୁନାହିଁ। ସନ୍ଧ୍ୟା ହେଲେ ସୁରକ୍ଷା ଚିନ୍ତା ଘାରୁଛି। ପରିବାର ସହିତ ଆସୁଥିବା ପର୍ଯ୍ୟଟକ ତରବରିଆ ଭାବେ ଫେରିଯାଉଛନ୍ତି। ଏଥିପ୍ରତି ରାଜ୍ୟ ସରକାର ଧ୍ୟାନ ଦେବା ଉଚିତ।

-ଅଞ୍ଜନ କୁମାର ଦ୍ୱିବେଦୀ, ଅନୁଗୋଳ

### ବିଶ୍ରାମସ୍ଥଳୀର ଆବଶ୍ୟକତା ରହିଛି

'ସାପୁଆ'ରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ଏଠାରେ ପାର୍କ, ଆବଶ୍ୟକ ଆଲୋକୀକରଣ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଗଲେ ପର୍ଯ୍ୟଟକମାନେ ସନ୍ଧ୍ୟାକାଳୀନ ମନୋରମ ପରିବେଶକୁ ଉପଭୋଗ କରିପାରନ୍ତେ। ବୟସ୍କ ଏବଂ ମହିଳାଙ୍କ ପାଇଁ ଏକ ବିଶ୍ରାମସ୍ଥଳୀର ମଧ ଆବଶ୍ୟକତା ରହିଛି।

-ସତ୍ୟଭାମା ନାୟକ, ତେଲିଭୂଇଁ, ରାସୋଳ

### ସରକାର ଅଣଦେଖା କରୁଛନ୍ତି

ସବୁଜିମା ପରିବେଶରେ ଅବସ୍ଥିତ 'ସାପୁଆ' ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ। କିନ୍ତୁ ରାଜ୍ୟ ସରକାର ଏହାର ବିକାଶ ପ୍ରତି ଅଣଦେଖା କରୁଛନ୍ତି। ପାନୀୟଜଳ, ବୋଟିଂ ବ୍ୟବସ୍ଥା କରାଗଲେ ଅଧିକ ପର୍ଯ୍ୟଟକ ଆକର୍ଷିତ ହୁଅନ୍ତେ। ସୁରକ୍ଷା ବ୍ୟବସ୍ଥା ମଧ ଜରୁରୀ ହୋଇପଡ଼ିଛି।

-ସୁବାସ ଚନ୍ଦ୍ର ନାୟକ, ରାସୋଳ

### ଏସ୍‌ଏଚ୍‌ଜିକୁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯିବ

ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଭଳି 'ସାପୁଆ'ର ଉନ୍ନତୀକରଣ କରାଯିବ। ବୋଟିଂ ବ୍ୟବସ୍ଥା ମଧ ହେବ। ଏଥିଲାଗି ଯୋଜନା ପ୍ରସ୍ତୁତ କରାଯାଉଛି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଏସ୍‌ପିଙ୍କ ସହ ଆଲୋଚନା ହୋଇଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଏସ୍‌ଏଚ୍‌ଜିଙ୍କୁ ଦିଆଯିବା ଲାଗି ଆଲୋଚନା ଚାଲିଛି।

-ସରୋଜ କୁମାର ସେଠୀ, ଜିଲାପାଳ

## ୨୦୦୬ରୁ ଜମିକୁ ଯୋଗାଉଛି ଜଳ

ଢେଙ୍କାନାଳ ଜିଲା ରାସୋଳ ଅଞ୍ଚଳର ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ୧୯୯୩ରେ ଆରମ୍ଭ ହୋଇଥିଲା 'ସାପୁଆ-ବଡ଼ଜୋରା' କ୍ଷୁଦ୍ର ସେଚ ପ୍ରକଳ୍ପ। ୨୦୦୬ରେ ଏହା ସମ୍ପୂର୍ଣ୍ଣ ହୋଇଥିଲା। ୧୨୯୦ ମିଟର ଦୈର୍ଘ୍ୟ, ୨୬ ମିଟର ଉଚ୍ଚତା ବିଶିଷ୍ଟ ଏହି ଡ୍ୟାମ୍ ୩୬୮୨ ହେକ୍ଟର ଜାଗାରେ ଅବସ୍ଥିତ। ଜଳସେଚନ ଉଦ୍ଦେଶ୍ୟରେ ନିର୍ମିତ ଏହି ଜଳଭଣ୍ଡାର ଏବେ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି।



## ଏଡ୍‌ସ ସମ୍ପର୍କିତ ସଚେତନତା

**ଢେଙ୍କାନାଳ ଅଫିସ, ୩।୧୨:** ଢେଙ୍କାନାଳ କଲେଜରେ ଗୁରୁବାର ଯୁବ ରେଡ୍‌କ୍ରସ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ପଦଯାତ୍ରାକୁ ଅଧକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଅଧକ୍ଷ ଯୋଗଦେଇ ଏଡ୍‌ସ ରୋଗ ସମ୍ପର୍କରେ ଆଲୋକପାତ କରିବା ସହ ସଚେତନତା ହିଁ ସୁରକ୍ଷାର ବାଟ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ଜିଲା ଯୁବ ରେଡ୍‌କ୍ରସ ସଂଯୋଜକ ଡ. ଭୂପେଶ ଚନ୍ଦ୍ର ସାହୁଙ୍କ ସମେତ କଲେଜର ୭୦ ସ୍ୱେଚ୍ଛାସେବୀ ଯୋଗଦେଇଥିଲା।। ଜିଲା ଆବାହକ ଡ. ପୂର୍ଣ୍ଣଚନ୍ଦ୍ର ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଢେଙ୍କାନାଳ କଲେଜର ଯୁବ ରେଡ୍‌କ୍ରସ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଆୟୋଜିତ ସଚେତନତା ଶୋଭାଯାତ୍ରା।

## 'ଏଡ୍‌ସ ହଟାଅ, ଜୀବନ ବଞ୍ଚାଅ'

**କାମାକ୍ଷାନଗର, ୩।୧୨(ଡି.ଏନ୍.ଏ.)**

କାମାକ୍ଷାନଗର ଡିଗ୍ରୀ ମହିଳା କଲେଜରେ 'ବିଶ୍ୱ ଏଡ୍‌ସ ଦିବସ' ପାଳିତ ହୋଇଯାଇଛି। ଆୟୋଜିତ ସଚେତନତା ସଭାରେ ଅଧକ୍ଷା ବନ୍ଦିତା ମହାନ୍ତି ସଭାପତିତ୍ୱ କରି ଏଡ୍‌ସ କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଡ. ରେଣୁକା ପଣ୍ଡା, ଡ. ଶେଷାଞ୍ଜଳି ପଣ୍ଡା, ସୁରମା ପ୍ରଧାନ, ଅଧ୍ୟାପକ ଆଶିଷ ମହାନ୍ତି, ଦୀପକ ବିଶ୍ୱାଳଙ୍କ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଛାତ୍ରୀମାନେ ସଚେତନତା ଶୋଭାଯାତ୍ରାରେ 'ଏଡ୍‌ସ ହଟାଓ, ଜୀବନ ବଞ୍ଚାଅ' ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ।



ସଚେତନତା ଶୋଭାଯାତ୍ରାରେ ଅଧ୍ୟାପିକ, ଅଧ୍ୟାପକଙ୍କ ସହ ଛାତ୍ରୀମାନେ।

## ଜାଣିଲେ ହିଁ ଜିଣିବ

**ଢେଙ୍କାନାଳ ଅଫିସ, ୩।୧୨**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ପ୍ରାଧିକରଣ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପାରିବାରିକ ଅଦାଲତ ବିଚାରପତି ସୂର୍ଯ୍ୟନାରାୟଣ ଦ୍ୱିବେଦୀ ଏହାକୁ ଉଦ୍‌ଘାଟନ କରି ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏଡ୍‌ସର ଭୟାବହତା ସମ୍ପର୍କରେ ଛାତ୍ରୀଛାତ୍ର ଜାଣିବା ଏବଂ ଅନ୍ୟକୁ ସଚେତନ କରାଇବା ଆବଶ୍ୟକ। ଫଳରେ ରୋଗ ଉପରେ ବିଜୟ ସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଦେୱାନି ବିଚାରପତି ତଥା ପ୍ରାଧିକରଣ ଭାରପ୍ରାପ୍ତ ସଚିବ ଶତରୂପା ଶତପଥୀ ଏଡ୍‌ସର କାରଣ ଏବଂ ଏହାର ଉପଚାର ବିଷୟରେ ସଚେତନ କରାଇଥିଲେ। ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଧାଶ୍ରୀ ସୁଲଝଲିଆ, ଗାର୍ଗୀ ରାୟ, ମହାବିଦ୍ୟାଳୟ ଅଧକ୍ଷ ଡ. ସମୀର ସାହୁ, ମାନଗୋବିନ୍ଦ ଗୋଛିଙ୍କ ସମେତ ସ୍ୱେଚ୍ଛାସେବୀ ସଂସ୍ଥା 'ଇଶୋ'ର ସମ୍ପାଦିକା ପୁଷ୍ପାଞ୍ଜଳି ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

# ସଚେତନତା ହିଁ ସୁରକ୍ଷା



ଭୁବନ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।



ହିନ୍ଦୋଳ ବ୍ଲକ ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବାହାରିଥିବା ଶୋଭାଯାତ୍ରା।

**ଭୁବନ/ସାତମାଇଲ, ୩।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜ ଏନ୍‌ସିସି ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ଗୁରୁବାର ପାଳିତ ହୋଇଯାଇଛି। କ୍ୟାଡେଟ୍‌ମାନେ ପ୍ଲାକାର୍ଡ ଧରି ଗଡ଼ଗହମପୁର ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ପଥପ୍ରାନ୍ତ ନାଟକ ମାଧ୍ୟମରେ ଯୁବପିଢ଼ିଙ୍କୁ ସଚେତନ କରାଯାଇଥିଲା। କଲେଜରେ ଅନୁଷ୍ଠିତ ସଭାରେ ଅଧକ୍ଷ ଅଜିତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଏଡ୍‌ସର ଭୟାବହତା ସମ୍ପର୍କରେ ଜାଣିବା, ଅନ୍ୟକୁ ଜଣାଇବା ଏବଂ ବ୍ୟାପକ ସଚେତନତା ଦ୍ୱାରା ଏହି ମାରାତ୍ମକ ରୋଗରୁ ସୁରକ୍ଷା ମିଳିପାରିବ। ଏନ୍‌ସିସି ଅଫିସର ଦୀପାରାଣୀ ସାମଲ, ମୋ କଲେଜ ସଂଯୋଜକ ଅଧ୍ୟାପକ ପ୍ରଭାତ ଜେନା, ଅଧ୍ୟାପକ ସୁକାନ୍ତ ସାହୁ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

### ବିଶ୍ୱ ଏଡ୍‌ସ ଦିବସ ପାଳିତ

ଅନୁରୂପ ଭାବେ ହିନ୍ଦୋଳ ବ୍ଲକ ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ରଣଜିତ୍ ଅମାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦିବାକର ପଟ୍ଟନାୟକ, ସମ୍ମାନିତ ଅତିଥି ଅଧ୍ୟାପକ ପ୍ରଭାକର ଦ୍ୱିବେଦୀ ଯୋଗଦେଇଥିଲେ। ଏଡ୍‌ସକୁ ଘୃଣା କର, ମାତ୍ର ରୋଗୀକୁ ନୁହଁ ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଅମିୟ ରଞ୍ଜନ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା, କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ନେଇ ପଦଯାତ୍ରା ମାଧ୍ୟମରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ରେଡ୍‌କ୍ରସ୍ କାଉନସେଲର ବରୁଣ ଚନ୍ଦ୍ର ମାଝି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଯାତ୍ରୀଙ୍କଠାରୁ ଚାନ୍ଦା ଆଦାୟ ଭିଡିଓ ଭାଇରାଲ

ବଇଣ୍ଡା,୩।୧୨(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ରେଲୱେ ଫାଣ୍ଡି ପୋଲିସ ବିବାଦ ଘେରକୁ ଆସିଛି। ଗୁରୁବାର ବିଳମ୍ବିତ ରାତିରେ ଏକ ଏକ୍ସପ୍ରେସ ଟ୍ରେନର ଯାତ୍ରୀଙ୍କଠାରୁ ଫାଣ୍ଡି ଅଧିକାରୀ ଡି.କେ. ସାହୁ ଚାନ୍ଦା ଆଦାୟ କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାର ତଦନ୍ତ ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବଇଣ୍ଡା ଗ୍ରାମବାସୀ ଶନିବାର ପୂର୍ବତଟ ରେଳପଥ ଜେନରାଲ ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି, ଏହି ଷ୍ଟେଶନରୁ ଅନେକ ସମୟରେ ଟ୍ରେନ୍ ଯୋଗେ ଚୋରା ଗଞ୍ଜେଇ ସହ ମାଦକ ଦ୍ରବ୍ୟ ଚାଲାଣ କରାଯାଉଛି। ଲୋକଙ୍କୁ ସୁରକ୍ଷା ଦେବା ନାମରେ ବେଆଇନ ଭାବେ ଅର୍ଥ ଆଦାୟ କରାଯାଉଛି। ଗୁରୁବାର ରାତିରେ ସମ୍ବଲପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଏକ୍ସପ୍ରେସ ଟ୍ରେନରେ ଥିବା ଯାତ୍ରୀଙ୍କଠାରୁ ଫାଣ୍ଡି ଅଧିକାରୀ ଓ କେତେଜଣ କର୍ମଚାରୀ ଅର୍ଥ ଆଦାୟ କରୁଥିବାର ଏକ ଭିଡିଓ ଭାଇରାଲ ହୋଇଛି। କିଛିମାସ ତଳେ ଫାଣ୍ଡିରେ ଅଧିକାରୀ ଥିବା ଏସ୍. ଦାସ ଜଣେ ଯୁବକଙ୍କୁ ମାଡ଼ ମାରି ଟଙ୍କା ଆଦାୟ କରିଥିବା ଅଭିଯୋଗରେ ଗିରଫ ହୋଇଥିଲେ। ଏହାପରେ ରେଳ ବିଭାଗ ପକ୍ଷରୁ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏ ନେଇ ଫାଣ୍ଡି ଅଧିକାରୀ ଡି.କେ. ସାହୁଙ୍କୁ ପଚାରିବାରୁ କୌଣସି ମନ୍ତବ୍ୟ ନ ଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

# ଭୟ ବଢ଼ାଉଛି ଭାରିଯାନ

ଛେଣ୍ଡିପଦା,୩।୧୨(ସ୍ୱ.ପ୍ର.)



- ୬୩ନଂ. ରାଜ୍ୟ ରାଜପଥରେ ଚାଲିଛି କୋଇଲା ପରିବହନ
- ଅତ୍ୟଧିକ ସଂଖ୍ୟାରେ ଟ୍ରକ୍ ଚଳାଚଳ ଯୋଗୁ ବଢ଼ୁଛି ଦୁର୍ଘଟଣା
- ମାସକରେ ଗଲାଣି ୭ ଜୀବନ, ଦିନରେ ନୋ ଏଣ୍ଟ୍ରି ଦାବି

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ ଶେଷ ହେଉନାହିଁ। ଅନେକ ସ୍ଥାନରେ ଅବସ୍ଥା ଅତ୍ୟନ୍ତ ଖରାପ। ତେଣୁ ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥରେ କୋଇଲା ପରିବହନ ପାଇଁ ଅନୁମତି ଦେଇଥିଲା ଜିଲା ପ୍ରଶାସନ। ହେଲେ ଅତ୍ୟଧିକ ସଂଖ୍ୟାରେ କୋଇଲା ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଏହି ରାଜ୍ୟ ରାଜପଥରେ ଟ୍ରାଫିକ ବ୍ୟବସ୍ଥା ଏବେ ଅସମ୍ଭାଳ। ଅନେକ ସମୟରେ ରାଜପଥ ଜାମ୍ ରହୁଥିବାରୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହେଉଛି। ବସ୍, କାର୍, ବାଇକ୍ ଏପରି କି ଆମ୍ବୁଲାନ୍ସକୁ ମଧ୍ୟ ଘଣ୍ଟା ଘଣ୍ଟା ଅଟକି ରହିବାକୁ ପଡୁଛି। ଦୈନିକ ଏକାଧିକ ଦୁର୍ଘଟଣା ଘଟୁଥିବା ବେଳେ ଗତ ଏକମାସ ମଧ୍ୟରେ ୭ ଜଣଙ୍କ ଜୀବନ ଯାଇଛି। ତଥାପି ଦିନବେଳା ଭାରିଯାନ ଚଳାଚଳ ବନ୍ଦ ଦିଗରେ ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ରାଜପଥ ପାର୍ଶ୍ୱରେ ଥିବା ଛେଣ୍ଡିପଦା, ରାଇଝରଣ, କଙ୍କରେଇ, କୋଶଳା ଅଞ୍ଚଳବାସୀଙ୍କ ମଧ୍ୟରେ ଭାରିଯାନକୁ ନେଇ ଭୟ ବଢ଼ିବାରେ ଲାଗିଛି।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଗତ ଏପ୍ରିଲ୍‌ରେ ମାତ୍ର ମାସକ ପାଇଁ ୬୩ନଂ. ରାଜ୍ୟ ରାଜପଥରେ ସମ୍ବଲପୁର, ଝାରସୁଗୁଡା ଆଦି ଅଞ୍ଚଳକୁ କୋଇଲା ପରିବହନ ପାଇଁ ଜିଲା ପ୍ରଶାସନ ଭାରିଯାନକୁ ଅନୁମତି ଦେଇଥିଲା। ହେଲେ ୫ ମାସ ହେଲା ଏହି ରାଜପଥରେ ଦିନରାତି ସହସ୍ରାଧିକ କୋଇଲା ବୋଝେଇ ଟ୍ରକ୍ ଚଳାଚଳ କରୁଛି। ଅତ୍ୟଧିକ ଭାରିଯାନ ସାଙ୍ଗକୁ ଦ୍ରୁତଗତିରେ ଯାତାୟାତ କରୁଥିବା ଯୋଗୁ ଯାତ୍ରୀ, ଛାତ୍ରୀଛାତ୍ର, ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ବଢୁଛି। ବିଶେଷକରି ଛେଣ୍ଡିପଦା, ରାଇଝରଣ, କଙ୍କରେଇ, କୋଶଳାଠାରେ ରାଜପଥ ପାର୍ଶ୍ୱକୁ ଲାଗି ରହିଥିବା ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଟ୍ରକ୍ ଧକ୍କାରେ ଛେଣ୍ଡିପଦା ବ୍ଲକ ଛକଠାରେ ଥିବା ପୋଲର ସୁରକ୍ଷାବାଡ ଭାଙ୍ଗିଯାଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ ମରାମତି କରୁନାହିଁ। ପୋଲିସ, ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏହି ରାଜପଥରେ ଗାଡିମୋଟର ଯାଞ୍ଚ କରାଯାଉ ନାହିଁ। ତେଣୁ ଦୁର୍ଘଟଣା ବଢୁଥିବାରୁ ଧନଜୀବନ ହାନିକୁ ଦୃଷ୍ଟିରେ ରଖି ଦିନବେଳା ଭାରିଯାନ ଚଳାଚଳ ବନ୍ଦ ରଖି କେବଳ ରାତିରେ ଅନୁମତି ଦେବାକୁ ଦୀର୍ଘଦିନ ହେଲା କୋଶଳା ଗ୍ରାମ୍ୟ କମିଟି, କୋଶଳା ଯୁବ କ୍ରିୟାନୁଷ୍ଠାନ କମିଟି, ଛେଣ୍ଡିପଦା ସରପଞ୍ଚ ପ୍ରଶାସନ ନିକଟରେ ଦାବିକରି ଆସୁଛନ୍ତି। ହେଲେ କୌଣସି ସୁଫଳ ମିଳୁ ନ ଥିବାରୁ ଏଥିରେ ଅସନ୍ତୋଷ ପ୍ରକାଶ କରି ଅଞ୍ଚଳବାସୀ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ପରେ ବିଧାୟକ, ଛେଣ୍ଡିପଦା ଥାନା ଅଧିକାରୀ, କୋଶଳା ଗ୍ରାମ ସଭାପତି, ସରପଞ୍ଚ, ଟ୍ରକ୍ ମାଲିକମାନେ ଆଲୋଚନା କରି ରାତିରେ ଭାରିଯାନ ଚଳାଚଳ କରାଇଥିଲେ। ହେଲେ ଏହାର ଦିନଟିଏ ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ଦେଇ ଯାଇଥିବା ସମସ୍ତ ରାଜ୍ୟ ଓ ଜାତୀୟ ରାଜପଥ ଉପରୁ କଟକଣା ହଟାଇ ଦିଆଗଲା ବୋଲି ବିଜ୍ଞପ୍ତି ପ୍ରକାଶ କରାଗଲା। ଫଳରେ ରାଜ୍ୟ ରାଜପଥରେ ପୁନର୍ବାର ଦିନବେଳା ଅତ୍ୟଧିକ ସଂଖ୍ୟାରେ କୋଇଲା ଟ୍ରକ୍ ଚଳାଚଳ କରୁଛି। ଏ ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ପାଇଁ ବିଭିନ୍ନ ସ୍ତରରେ ବୈଠକ ଚାଲିଥିବା ସୂଚନା ମିଳିଛି।

### ଟ୍ରାଫିକ ନିୟମ ମାନୁନାହାନ୍ତି



ଅନୁଗୋଳ- ଛେଣ୍ଡିପଦା ରାଜ୍ୟ ରାଜପଥରେ କୋଇଲା ବୋଝେଇ ଟ୍ରକ୍‌ଗୁଡ଼ିକ ଦ୍ରୁତଗତିରେ ଚଳାଚଳ କରୁଛି। ଏପରି କି ସ୍କୁଲ, ବଜାର ନିକଟରେ ବେଗ କମ୍ କରିବାର ନିୟମ ରହିଥିଲେ ମଧ୍ୟ ତାହାକୁ ଗାଡ଼ି ଚାଳକମାନେ ପାଳନ କରୁନାହାନ୍ତି। ଫଳରେ ଅନ୍ୟ ଯାତାୟାତକାରୀଙ୍କ ପାଇଁ ବିପଦ ସୃଷ୍ଟି ହେଉଛି।

-ବିଜୟ ମହାପାତ୍ର, ବ୍ୟବସାୟୀ, ଛେଣ୍ଡିପଦା

### ସ୍କୁଲ ସମୟରେ ଚଳାଚଳ ବନ୍ଦ ରହୁ



ଭାରିଯାନ ଚଳାଚଳକୁ ବିରୋଧ କରାଯାଉ ନାହିଁ। ହେଲେ ସ୍କୁଲ, କଲେଜ ସମୟରେ ପୂର୍ବପରି ଭାରିଯାନକୁ ବନ୍ଦ ରଖାଯାଉ। ବଜାର ଅଞ୍ଚଳରେ ବେଗ ନିୟନ୍ତ୍ରଣ କରାଯାଉ। ଏ ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି। ଆଗାମୀ ଦିନରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ।

-ଦୀପକ କୁମାର ପ୍ରଧାନ, ସଭାପତି ଯୁବ ମଞ୍ଚ

### ଦିନରେ ନୋ ଏଣ୍ଟ୍ରି ଘୋଷଣା କରାଯାଉ



ରାଜ୍ୟ ରାଜପଥରେ ଯାତାୟାତ କରୁଥିବା ଜନସାଧାରଣ ଓ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲାପାଳ ନିର୍ଦ୍ଦେଶର ପୁନର୍ବିଚାର କରନ୍ତୁ। ଏଥିସହ ଏହି ରାଜପଥରେ ଦିନ ବେଳା ଭାରିଯାନ ପାଇଁ ନୋ ଏଣ୍ଟ୍ରି ଘୋଷଣା କରାଯାଉ।

-ସୁଦୀପ୍ତ ପ୍ରଧାନ, ସରପଞ୍ଚ ଛେଣ୍ଡିପଦା

### ରାଜପଥକୁ ନେଇ ରାଜନୀତି କରା ନ ଯାଉ



ଦିନରେ ଦ୍ରୁତଗତିରେ ଭାରିଯାନ ଯାତାୟାତ କରୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ରାଜପଥକୁ ନେଇ ରାଜନୀତି କରା ନ ଯାଇ ଜନସାଧାରଣଙ୍କ ସୁରକ୍ଷାକୁ ସମସ୍ତେ ଦୃଷ୍ଟି ଦେବା ଆବଶ୍ୟକ। କୋଶଳା ଗ୍ରାମବାସୀଙ୍କ ତରଫରୁ ବିଧାୟକ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

-ବ୍ରଜବନ୍ଧୁ ସାହୁ, ଗ୍ରାମ ସଭାପତି, କୋଶଳା

# ଛାତ୍ରୀଛାତ୍ରଙ୍କୁ ସଚେତନ କଲେ ଅତିଥି

ତାଳଚେର, ୩।୧୨ (ନି.ପ୍ର.)

ତାଳଚେର ବ୍ଲକ ସାଉଥବଲଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଯୁବ ରେଡକ୍ରସ ଶାଖା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୫ଶହ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଲୁସି ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ.ଅମରେନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଅଧ୍ୟାପକ ବଶିଷ୍ଠ କୁମାର ସାହୁ, ଅଧ୍ୟାପିକା ଡ.ତନୁଜା ପାତ୍ର, ସସ୍ମିତା ନନ୍ଦ, ବବିତା ପ୍ରଧାନ, ତ୍ରିନାଥ ସାହୁ, ନିର୍ମଳ କୁମାର ପାଢ଼ୀ, ହେମନ୍ତ କୁମାର ସିଂହ, କାଳିଆ ସାହୁ, ସବିତା ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି କଳମଛୁଇଁ ପଞ୍ଚାୟତସ୍ଥିତ ହିଙ୍ଗୁଳା ମହାବିଦ୍ୟାଳୟ ପରିସରରେ ଯୁବ ରେଡ୍‌କ୍ରସ ଶାଖା ଆନୁକୂଲ୍ୟରେ ଏଡ୍‌ସ ଦିବସ ପାଳନ କରାଯାଇଥିଲା। କାଉନସିଲର ମମତା ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରତାପ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଡସ୍ ରୋଗର କାରଣ, ନିରାକରଣ ଓ ସଚେତନତା ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପିକା ବୀଣାପାଣି ପ୍ରଧାନ, ବନିତା ସାହୁଙ୍କ ସହ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ।




ହିଙ୍ଗୁଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏଡ୍‌ସ ଦିବସରେ ଛାତ୍ରୀଛାତ୍ରମାନେ।

## ଫଟୋରେ ଖବର



କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ସାଇ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରାରେ ମହିଳା ପୁରୁଷମାନେ ସାମିଲ ହୋଇଛନ୍ତି। ତପନ ସାହୁ, ସୁନିତା ସାହୁ କର୍ତ୍ତା ସାଜିଥିବାବେଳେ ଜଗତମୋହନ ମିଶ୍ର, ମଦନ ମୋହନ ମିଶ୍ର, ରାଜେଶ ମିଶ୍ର, ପ୍ରକାଶ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଅନିଲ ସାହୁ, ପିଙ୍କୁ ମହାପାତ୍ର, କାଶିଆ ସାହୁ, ରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ୮ ଦଫା ଦାବିପତ୍ର ପ୍ରଦାନ

ଆଠମଲ୍ଲିକ, ୩।୧୨ (ଡି.ଏନ.ଏ.)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆଠମଲ୍ଲିକ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଦାବିପତ୍ର ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢୀଙ୍କୁ ପ୍ରଦାନ କରାଯାଇଛି। ନୂତନ ଅନୁଦାନ ପାଉଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ସପ୍ତମ ବେତନ କମିଶନ ପ୍ରଦାନ, ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ, ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ, ଅବସର ସମୟ ସୀମା ୬୨କୁ ବୃଦ୍ଧି ସହ ଖାଲିଥିବା ପଦବୀ ପୂରଣ କରିବା ଆଦି ଦାବି କରାଯାଇଛି। ଆବାହକ ସୁବଳ କୁମାର ପ୍ରଧାନଙ୍କ ନେତୃତ୍ୱରେ ଓଷ୍ଟା ଆଠମଲ୍ଲିକ ଶାଖାର ଯୁଗ୍ମ ସମ୍ପାଦକ ଅଜିତ କୁମାର ସାହୁ, ଶିକ୍ଷକ ଅରବିନ୍ଦ ନାଏକ, ସୀତାକାନ୍ତ ପ୍ରସାଦ ହୋତା, ରାଜେନ୍ଦ୍ର କୁମାର ଦାସ, ଦ୍ୱାରିକା ନାଥ ବେହେରା, ଗୋକୁଳାନନ୍ଦ ରାଉଳ, ତପନ କୁମାର ପ୍ରଧାନ ପ୍ରମୁଖ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ।



ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ

ତାଳଚେର, ୩।୧୨ (ନି.ପ୍ର.)

ତାଳଚେର ସବ୍‌ଡିଭିଜନାଲ ରେଡ୍‌କ୍ରସ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲା ରେଡ୍‌କ୍ରସର କାର୍ଯ୍ୟକାରୀ ସଦସ୍ୟ ବଳରାମ ପତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଳଚେର ସ୍ୱୟଂଶାସିତ କଲେଜ, ତାଳଚେର ସରକାରୀ ଆଇଟିଆଇ, ଗଡ଼ତଳ ରିଜିଓନାଲ ହାୟର ସେକେଣ୍ଡାରି ସ୍କୁଲ, ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟ, ନୀଳକଣ୍ଠେଶ୍ୱର ଡିଗ୍ରୀ କଲେଜ, ଯୁବରାଜ ହାଇସ୍କୁଲର ଛାତ୍ରୀଛାତ୍ର, ସେଣ୍ଟ ଜନ୍ସ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ ଓ ତୋଫାନ ଯୁବକ ସଂଘର ସଦସ୍ୟଗଣ ଅଂଶଗ୍ରହଣ କରିଥିଲେ। ପରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ରଥ ଓ ସମ୍ମାନିତ ଅତିଥିଭାବେ ତହସିଲଦାର ଦାଶରଥି ଜେନା ଯୋଗଦେଇ ଏଡ୍‌ସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବାଉରୀବନ୍ଧୁ ବେଜ୍, ସାମାଜିକ କର୍ମୀ ବିଭୂତି ସାହୁ, ରଞ୍ଜିତ ମହାପାତ୍ର, ତୋଫାନ ଯୁବକ ସଂଘ ସଭାପତି ଧୀରେନ୍ଦ୍ର ଦାସ ଓ ସଦସ୍ୟମାନେ ଯୋଗଦାନ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ଭବିଷ୍ୟତ ଗଠନରେ ଯତ୍ନବାନ ହୁଅ

ବଇଣ୍ଡା,୩।୧୨(ଡି.ଏନ.ଏ)

ଭବିଷ୍ୟତ ଗଠନ ଦିଗରେ ଅଧିକ ଯତ୍ନବାନ ହୁଅ। କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହି ପରାମର୍ଶ ଦେଇଛନ୍ତି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ତରଣୀ ସୁନା, ମୁଖ୍ୟବକ୍ତା ପ୍ରାଧ୍ୟାପକ ଡ. ହିମାଂଶୁ ଶେଖର ପାଢ଼ୀ ଯୋଗଦେଇଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତରଣୀ ସେନ ସାହୁ ପରିଚାଳନା କରିଥିଲେ। ଅଧ୍ୟାପିକା ବୀଣାପାଣି ସାହୁ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାଇଲିପ୍ସା ସାହୁ, ଶୁଭ୍ରାନ୍ତ ବେହେରା, ସ୍ୱାଧୀନ ପ୍ରଧାନ, ନଳୀନ ପ୍ରଧାନ, ରୁଚିସ୍ମିତା ପରିଡା, ରୋଜାଲିନ ପ୍ରଧାନ, ଶୁଭଶ୍ରୀ ବିଶ୍ୱାଳ, ଗୋବର୍ଦ୍ଧନ ପ୍ରଧାନ, ଅଭିଜିତ ପ୍ରଧାନ, ଦିବାକର ସାହୁ, ସୁଶାନ୍ତ ବିଶ୍ୱାଳ, ସୁରେନ୍ଦ୍ର ମିର୍ଦ୍ଧା ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସ୍ୱାଗତ, ଅବସର ସମ୍ବର୍ଦ୍ଧନା

ତାଳଚେର, ୩।୧୨ (ନି.ପ୍ର.)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦାୟୀ ଅଧ୍ୟକ୍ଷ ଡ. ବିନୟ କୁମାର ଖିଲାର, ନୃତତ୍ତ୍ୱ ବିଭାଗ ପ୍ରାଧ୍ୟାପକ ଏବଂ ଅର୍ଥନୀତି ବିଭାଗ ଅଧ୍ୟାପିକା ବାସନ୍ତି ବଳିୟାର ସିଂଙ୍କୁ ଷ୍ଟାଫ୍ କ୍ଲବ ତରଫରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଷ୍ଟାଫ୍ କ୍ଲବ ସଭାପତି ପ୍ରାଧ୍ୟାପକ ସରୋଜ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦିକା ଡ. କଳ୍ପନା ବୋଇତି ବିଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ ଅଧ୍ୟକ୍ଷା ଭାବେ କାର୍ଯ୍ୟରେ ଯୋଗଦେଇଥିବା ପ୍ରାଧ୍ୟାପିକା ପୁଷ୍ପଲତା ରଥଙ୍କୁ ଷ୍ଟାଫ୍ କ୍ଲବ ପକ୍ଷରୁ ସ୍ୱାଗତ କରାଯାଇଥିଲା। ନୃତତ୍ତ୍ୱ ବିଭାଗ ଅଧ୍ୟାପକ ଶଶାଙ୍କ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ପ୍ରାଧ୍ୟାପିକା ଜୟଶ୍ରୀ ତିୱାରୀ, ନବକିଶୋର ମହାପାତ୍ର, ଡ. ସନ୍ତୋଷ ପାତ୍ର, ଅପସନା ବେଗମ୍, ଅଶୋକ କୁମାର ବେହେରା, ବିନୋଦ କୁମାର ନନ୍ଦ ଏବଂ ଅଧ୍ୟାପିକା, ଅଧ୍ୟାପକ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ରୋହିତ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।




ଅବସର ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅଧିକାରୀମାନେ।

# ୧୮ରେ ରାହଗିରି

ପାଲଲହଡା, ୩।୧୨ (ଡି.ଏନ.ଏ.)

ଅନୁଗୋଳ ଜିଲା ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୧୮ ତାରିଖରେ ପାଲଲହଡ଼ା ଉପଖଣ୍ଡ ସଦର ମହକୁମାଠାରେ ରାହଗିରି ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଲଲହଡ଼ା ଉପଜିଲାପାଳ ସୁଶାନ୍ତ କୁମାର ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାହଗିରିର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଡିଓ ଦିଲୀପ କୁମାର ବାଡା, ତହସିଲଦାର ଲମ୍ବୋଦର ମାର୍ଣ୍ଡି, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁମନ ରଞ୍ଜିତା ସିଂ, ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା, ମାଲ୍ୟଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଅନିଲ କୁମାର ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ଜିଲାପରିଷଦ ସଦସ୍ୟା ସଦସ୍ୟ, ସରପଞ୍ଚ, ସମିତିସଭ୍ୟା, ପାଲଲହଡା ଥାନା ଆଇଆଇସି ପରାଓ ଗୁଡୁ ପ୍ରମୁଖ ଉପସ୍ଥି ଥିଲେ।

# ପଲିଥିନ ବ୍ୟବହାରରୁ ନିବୃତ୍ତ ରହିବାକୁ ପରାମର୍ଶ

ଅନୁଗୋଳ ଅଫିସ, ୩।୧୨

ଅନୁଗୋଳ ସହର ଉପକଣ୍ଠ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟଠାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ସାମାଜିକ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୀର୍ତ୍ତନ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ଉପ ପରିବେଶ ଯନ୍ତ୍ରୀ ସୌମେନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୯୮୪ ଭୋପାଳ ଗ୍ୟାସ ଦୁର୍ଘଟଣାର ଭୟାବହତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏଥିସହ ପ୍ରଦୂଷଣ ନିୟନ୍ତ୍ରଣ ନିମନ୍ତେ ସମସ୍ତେ ବୃକ୍ଷରୋପଣ କରିବା ଏବଂ ପ୍ଲାଷ୍ଟିକ ପଲିଥିନ ବ୍ୟବହାରରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ସାମାଜିକ ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଜିଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ପର୍ଯ୍ୟବେକ୍ଷକ ଶିକ୍ଷକ ଅମୁଜ କୁମାର ଗଡ଼ନାୟକ ଏବଂ ବିଦ୍ୟାଳୟର ସହକାରୀ ଶିକ୍ଷକ ରାଧାଗୋବିନ୍ଦ ସେଠ, ଉଗ୍ରସେନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୂଷଣର କାରଣ ଓ ନିରାକରଣ ସମ୍ପର୍କରେ ମତ ରଖିଥିଲେ। ପରେ ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଂଯୋଜକ ସୁବ୍ରତ କୁମାର ପ୍ରଧାନ, ଯଶୋବନ୍ତ ସାହୁ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ସହଯୋଗ କରିଥିଲେ।




ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ନୂଆ କର୍ମକର୍ତ୍ତା ଚୟନ

**ଛେଣ୍ଡିପଦା,୩।୧୨(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ କୋଶଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଚୟନ ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ ମଧ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ ଓ ଅନୁଗୋଳ ଜିଲା ପ୍ରମୁଖ ପ୍ରତାପ ଚନ୍ଦ୍ର ଦେହୁରୀ ଉପସ୍ଥିତ ରହି କର୍ମକର୍ତ୍ତା ଚୟନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ପବିତ୍ର ମୋହନ ସାହୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ କମିଟିର ସଭାପତି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଦିଲୀପରାଜ ପ୍ରଧାନ, ଉପସଭାପତି ଭାବେ ଦିଲୀପ କୁମାର ସାହୁ, ସମ୍ପାଦକ ସାରଦା ପ୍ରସାଦ ସାହୁ, ଯୁଗ୍ମ ସମ୍ପାଦକ ଶୁଭ୍ରାଂଶୁ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ଦେବରାଜ ସାହୁ, ସଦସ୍ୟା ଭାବେ ବିଳାସିନୀ ନାଏକ ଓ ଲିପିକା ସାହୁଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ବିଦାୟୀ କର୍ମକର୍ତ୍ତା ଦିଲୀପ କୁମାର ସାହୁ, କମାର ପ୍ରଧାନ ,ଝୁନୁରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ଆଠମଲ୍ଲିକ,୩।୧୨(ଡି.ଏନ.ଏ.):** ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡର) ମହାସଂଘର ଆହ୍ୱାନ କ୍ରମେ ଆଠମଲ୍ଲିକ ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଡୀଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସମଗ୍ର ଶିକ୍ଷା ଅଭିଯାନରେ ଏକ୍ସ କ୍ୟାଡର ଶିକ୍ଷକମାନଙ୍କ ଡେପୁଟେଶନ ଓ ଏକ୍ସ କ୍ୟାଡର ବାତିଲ କରିବା, ନୂତନ ପେନସନ ଯୋଜନା ପ୍ରତ୍ୟାହାର କରି ପୁରୁଣା ପେନସନ ଯୋଜନା ଲାଗୁ, ଅବସର ବୟସ ସୀମା ୬୨କୁ ବୃଦ୍ଧି, ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା ଆଦି ଦାବି କରାଯାଇଛି। ଉପଦେଷ୍ଟା ଆଶୁତୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ଉପସଭାପତି ବୀରେନ୍ଦ୍ର ପ୍ରଧାନ, ସମ୍ପାଦକ ପବିତ୍ର ମୋହନ ଠାକୁର, ସାଧାରଣ ସମ୍ପାଦକ ବିରେନ କର୍ଣ୍ଣ, କୋଷାଧକ୍ଷା ବିନିତା ପ୍ରଧାନ, ଶିକ୍ଷକ ଜନ୍ମେଜୟ ସାହୁ, ଶିକ୍ଷକ କଳିଙ୍ଗ ବେହେରାମାଳୀ, ଶିକ୍ଷକ ଅର୍ଜୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ମଦ ଜବତ, ୪ ଗିରଫ

ଛେଣ୍ଡିପଦା,୩।୧୨(ସ୍ୱ.ପ୍ର.)- ଅନୁଗୋଳ ଜିଲା ଅବକାରୀ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ୨ନଂ. ଅବକାରୀ ଥାନା ପକ୍ଷରୁ ଶନିବାର ଛେଣ୍ଡିପଦା ବ୍ଲକର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ଚୋରା ମଦ ଜବତ ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଅନୁଗୋଳ ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନାଙ୍କ ନେତୃତ୍ୱରେ ଅବକାରୀ ବିଭାଗର କର୍ମଚାରୀମାନେ ବଗଡିଆ ଗ୍ରାମରେ ଚଢ଼ାଉ କରି ସୁଲୋଚନା ବେହେରାଙ୍କ ଘରୁ ୩୪ ଲିଟର ମଦ ଓ ୩୩୦ କିଗ୍ରା ପୋଚ, ହେମଲତା ବେହେରାଙ୍କ ଘରୁ ୩୦ ଲିଟର ମଦ ଓ୨୪୦ କିଗ୍ରା ପୋଚ ଜବତ କରିବା ସହ ସୁଲଚନା ଓ ହେମଲତାଙ୍କୁ ଗିରଫ କରିଥିଲେ। ବାଗଡିଆର ବିଭିନ୍ନ ସ୍ଥାନରେ ଚଢାଉ କରି ୨ ହାଜର କି.ଗ୍ରା. ପୋଚ ନଷ୍ଟ କରିଥିଲେ। ତେବୁଡ ଗ୍ରାମରେ ଚଢାଉ କରି କାଳୀଚରଣ ବେହେରାଙ୍କ ଘରୁ ୨୦ ଲିଟର ମଦ ଜବତ ସହିତ କାଳିଚରଣଙ୍କୁ ଗିରଫ କରିଥିଲେ। କଙ୍କରେଇ ଗ୍ରାମରେ ଚଢାଉ କରି ଦମୟନ୍ତୀ ବେହେରାଙ୍କ ଘରୁ ୧୦ଲିଟର ଦେଶୀ ମହୁଲି ମଦ ଜବତ ସହିତ ଦମୟନ୍ତୀଙ୍କୁ ଗିରଫ କରିଥିଲେ। ଏ ନେଇ ଅନୁଗୋଳ ୨ ନଂ. ଅବକାରୀ ଥାନାରେ ୪ଟି ମାମଲା ରୁଜୁ ହୋଇଛି।

# ‘ସଚେତନ ହେଲେ ପ୍ରତିରୋଧ କରିହେବ’




ବଇଣ୍ଡା ଜନତା ମହାବିଦ୍ୟାଳୟରେ ମଞ୍ଚାସୀନ ଅତିଥିମାନେ।

**ବଇଣ୍ଡା, ୩।୧୨ (ଡି.ଏନ.ଏ.)**

ଏଡ୍ସରୁ ଆରୋଗ୍ୟ ଲାଭ ପାଇଁ କୌଣସି ଔଷଧ ପ୍ରସ୍ତୁତ ହୋଇନାହିଁ। ସେଥିପାଇଁ ଆକ୍ରାନ୍ତମାନେ ଏହି ରୋଗ କବଳରୁ ମୁକ୍ତି ପାରୁନାହାନ୍ତି। ତେବେ ରୋଗ ସମ୍ପର୍କରେ ସଚେତନ ରହିଲେ ହିଁ ଏହାର ପ୍ରତିରୋଧ କରାଯାଇପାରିବ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ବିଶ୍ୱ ଏଡ୍ସ ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଅଧାପକ ରବିନାରାୟଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ ଯୋଗଦେଇ କିଭଳି ଏଡ୍ସ ଠାରୁ ଦୂରେଇ ରହିହେବ, ସେ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧାପକ ନିରଞ୍ଜନ ଦାସ, ସୁଧାକର ସାହୁ, ଅଧାପିକା ସୁମିତ୍ରା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସେହିପରି ବିଶ୍ୱଯୁବ କେନ୍ଦ୍ର ପକ୍ଷରୁ ବଇଣ୍ଡା ରେଳଷ୍ଟେଶନ, ପାଇକସାହି କଲେଜ, ଲୁହାମୁଣ୍ଡା ମା’ ହିଙ୍ଗୁଳା କ୍ଲବ, ସୋଲଣ୍ଡା ଶିଶୁ ସଂଘ ପରିସରରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ସୁବାସ ଶତପଥୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ନନ୍ଦ ଅତିଥି ଭାବେ ଯୋଗଦେଇଥିବାବେଳେ ହେମନ୍ତ ସ୍ୱାଇଁ, ଭାରତୀ ନାୟକ, କମଳ ଲୋଚନ ସାହୁ, ଜୟନ୍ତ କୁମାର ଜେନା, ପୁନିଆ ସାହୁ, ଅଭୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଏଡ୍ସ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ।

# ନିର୍ବାଚନ ପାଇଁ ମତାମତ ସଂଗ୍ରହ

**ବଣ୍ଟଁରପାଳ,୩।୧୨(ଡି.ଏନ.ଏ)**

ନାଲ୍କୋ ସ୍ୱୀକୃତି ଶ୍ରମିକ ସଙ୍ଗଠନ ନିର୍ବାଚନ ପାଇଁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନେପୁ, ନେସ୍, ଆଲୁମିନିୟମ ମଜଦୁର ସଂଘ, ଏନ୍‌କେଏସ୍‌ର କର୍ମଚାରୀ ଯୋଗ ଦେଇଥିଲେ। ଆଲୁମିନିୟମ ମଜଦୁର୍ ସଂଘ ଓ ନେସ୍ ପକ୍ଷରୁ ଶ୍ରମିକମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନ ହେଲେ ନିର୍ବାଚନ ହେବ ନାହିଁ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ନିର୍ବାଚନ ହେବା ପାଇଁ ନେପୁ ଓ ଏନ୍‌କେଏସ୍ ପକ୍ଷରୁ ମତ ପ୍ରକାଶ ପାଇଛି। ନିର୍ବାଚନ ପାଇଁ ପ୍ଲାଣ୍ଟରେ ରାଜନୈତିକ ବାତାବରଣ ସରଗରମ ହୋଇପଡ଼ିଛି। ଏହି କାର୍ଯ୍ୟକ୍ରମରେ ମୁନା ସାମଲ, ବିନୋଦ ସାମଲ, ମନୋଜ ସ୍ୱାଇଁ, ଭଣେସ ସେଠ, ଅଶ୍ୱିନୀ ସାମଲ, ମାଙ୍ଗି ସାମଲ, ବୈରାଗୀ ସେଠ, ନାରାୟଣ ସେଠ, ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଡିସିଏଲ୍‌ସି, ଆରଏଲ୍‌ସିସି ଯୋଗ ଦେଇଥିଲେ।

# ଲୋକଙ୍କ ଜୋସ୍ ଦେଖି କେନ୍ଦ୍ରମନ୍ତ୍ରୀ ବିଚଳିତ: ବିଜେଡି

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ପଦ୍ମପୁର ଉପନିର୍ବାଚନ ପ୍ରଚାର ଶନିବାର ଶେଷ ହୋଇଛି। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାର ଶେଷ ଦିନରେ ବିଭିନ୍ନ ଜନସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ଧର୍ମେନ୍ଦ୍ରଙ୍କ ମନ୍ତବ୍ୟକୁ ବିଜେଡି ପାଲଟା ଜବାବ ଦେଇଛି। ଧର୍ମେନ୍ଦ୍ର କହିଛନ୍ତି ଯେ ଭୋଟ୍ ପାଇବା ପାଇଁ ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କୁ ଅସତ୍ୟ କଥା କହୁଛନ୍ତି। ପଦ୍ମପୁରକୁ ଜିଲା କରିବାର ମିଛ କଥା କହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଯେଉଁମାନେ ଦୀର୍ଘ ୨୨ ବର୍ଷରେ ପଦ୍ମପୁରକୁ ଜିଲା କରିପାରିଲେ ନାହିଁ, ସେମାନେ ୨୦୨୩ରେ ଜିଲା ଗଠନ କରିବା କଥା କହି ପଦ୍ମପୁରବାସୀଙ୍କୁ ଠକୁଛନ୍ତି।

ଶନିବାର ପଦ୍ମପୁର ନିର୍ବାଚନମଣ୍ଡଳୀର ଝାରବନ୍ଧ ବ୍ଲକର ଜଗଦଲପୁର ଓ ପଦ୍ମପୁରଠାରେ ଅନୁଷ୍ଠିତ ଜନସଭା ଓ ରୋଡ ଶୋ’ରେ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଦୀର୍ଘ ୨୨ ବର୍ଷ ହେବ ରାଜ୍ୟର ଶାସନ ଦାୟିତ୍ୱରେ ରହିବା ପରେ ମଧ ଗତକାଲି ପଦ୍ମପୁରରେ ମିଛ ପ୍ରତିଶ୍ରୁତି ଦେଇଛନ୍ତି। ୨୦୧୯ରେ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ପଦ୍ମପୁରକୁ ଜିଲା କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଗତ ୧ ତାରିଖରେ ରାଜ୍ୟ ସରକାରଙ୍କ ରାଜସ୍ୱ ମନ୍ତ୍ରୀ ବର୍ତ୍ତମାନ ରାଜ୍ୟରେ ନୂତନ ଜିଲା ଗଠନ କରିବାର ଯୋଜନା ନାହିଁ ବୋଲି ବିଧାନସଭାରେ କହିଛନ୍ତି। ତେଣୁ ପଦ୍ମପୁରର ନିରୀହ ଲୋକଙ୍କ ଆଗରେ ମୁଖ୍ୟମନ୍ତ୍ରୀ ଅସତ୍ୟ କହିଲେ। ଭୋଟ ପାଇବା ପାଇଁ ମୁଖ୍ୟମନ୍ତ୍ରୀ ମିଛ କହିବାକୁ ପଛାଉନାହାନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ରଙ୍କ ମନ୍ତବ୍ୟର ପାଲଟା ଜବାବ ବିଜେଡି ଦେଇଛି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ହେଉଛନ୍ତି ଓଡ଼ିଶାର ସବୁଠାରୁ ଲୋକପ୍ରିୟ ନେତା। ଓଡ଼ିଶାର ଜନସାଧାରଣ ତାଙ୍କ ବିରୋଧରେ କୌଣସି ଅସମ୍ମାନସୂଚକ ମନ୍ତବ୍ୟକୁ ବରଦାସ୍ତ କରିବେ ନାହିଁ। ବିଜେପିର ଉପନିର୍ବାଚନରୁ ଶିକ୍ଷାଲାଭ ନ କରି ପଦ୍ମପୁରରେ ନିର୍ବାଚନ ପ୍ରଚାର ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ କରିଛନ୍ତି। ପଦ୍ମପୁରରେ ମୁଖ୍ୟମନ୍ତ୍ରୀଙ୍କ ବିଶାଳ ରାଲିରେ ଲୋକଙ୍କ ଉତ୍ସାହ ଓ ଜୋସ୍ ଦେଖି କେନ୍ଦ୍ରମନ୍ତ୍ରୀ ବିଚଳିତ ଓ ଭୟଭୀତ ହୋଇ ପଡ଼ିଥିବା ଏଥିରୁ ଜଣାପଡୁଛି ବୋଲି ସସ୍ମିତ ପ୍ରକାଶ କରିଛନ୍ତି।

# ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର

**କାମାକ୍ଷାନଗର,୩।୧୨(ଡି.ଏନ.ଏ.)**

୫ ଦଫା ଦାବିରେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅଁଳାବେରେଣୀ ମେଡିକାଲର କ୍ଷେତ୍ର କର୍ମଚାରୀମାନେ ଶନିବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଅଁଳାବେରେଣୀ ମେଡିକାଲ ଅଧିକାରୀ ଡ. ପ୍ରମିଳ କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କ୍ୟାଡର ପୁନର୍ଗଠନ ସାଙ୍ଗକୁ ସର୍ବନିମ୍ନ ୪ଟି ପଦୋନ୍ନତି, ଠିକାଭିତ୍ତିକ ଚାକିରି ଉଚ୍ଛେଦ, ସ୍ଥାୟୀ ଚାକିରି ଦାବି, ପଦବୀର ନାମ ପରିବର୍ତ୍ତନ, ପୋଷାକ, ଭତ୍ତା ଆଦି ପ୍ରଦାନ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ଦାବି କରିଥିଲେ। ଏହାର କୌଣସି ଦାବି ଯଦି ପୂରଣ ନ ହୁଏ ତା ହେଲେ ଆସନ୍ତା ୭ ତାରିଖରୁ କଳା ବ୍ୟାଜ୍ ପରିଧାନ କରି ଆନ୍ଦୋଳନ କରାଯିବ। ପରେ ୧୪ରୁ ଅସହଯୋଗ ଆନ୍ଦୋଳନ ଏବଂ ୨୧ ତାରିଖରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ବିଭୂତି ଭୂଷଣ ସ୍ୱାଇଁ, କେଶବ ଚନ୍ଦ୍ର ସାହୁ, ମନୋଜ ରାଉଳ, ଚିତ୍ତରଞ୍ଜନ ସ୍ୱାଇଁ, ରୀନା ସ୍ୱାଇଁ, ସୁଶାନ୍ତ ସାହୁ, ଯଶୋବନ୍ତ ଖଟୁଆ, ଡାକ୍ତର ସାହୁ, ହିମାଂଶୁ କିରଣ ସାହୁ, ବୁଦ୍ଧଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।






ବିଶ୍ୱ ଏଡ୍ସ ଦିବସ ପାଳନ ଅବସରରେ ଅନୁଗୋଳର ବିଭିନ୍ନ ସଙ୍ଗଠନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। (ଫଟୋ- ବୁବୁ)

# ଜିଲା ମୁଖ୍ୟ ଚିକିତ୍ସାଳୟ ଓଟିକୁ ନେଇ ଖପ୍ପା

## ଲକ୍ଷ୍ୟ ଟିମ୍ ପରିଦର୍ଶନ ରିପୋର୍ଟ

**ଅନୁଗୋଳ ଅଫିସ, ୩।୧୨**

୨ ମାସ ତଳେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲା ଲକ୍ଷ୍ୟ ଟିମ୍। ତେବେ ଏହାର ରିପୋର୍ଟରେ ପ୍ରସୂତି ବିଭାଗ ଲେବର ରୁମ୍‌କୁ ନେଇ ସନ୍ତୋଷ ପ୍ରକାଶ କରାଯାଇଛି। ହେଲେ ବିଭାଗୀୟ ଅସ୍ତ୍ରୋପଚାର ଗୃହ(ଓଟି)ରେ ମାଳ ମାଳ ଅବ୍ୟବସ୍ଥା ଦେଖି ଟିମ୍ ଖପ୍ପା ହୋଇଥିବା ଜଣାପଡ଼ିଛି। ଏଭଳି କି ଓଟିରେ ଥିବା ଅବ୍ୟବସ୍ଥାକୁ ଦେଖି ଆସିଥିବା ଟିମ୍ ଖପ୍ପା ହୋଇଥିଲେ। ତେବେ ଅବ୍ୟବସ୍ଥା କେଉଁଠି ରହିଛି, ତାହା ଜାଣିବାକୁ ରାଜ୍ୟ ସରକାରଙ୍କ ପରାମର୍ଶ ଲୋଡ଼ିଛି ଜିଲା ସ୍ୱାସ୍ଥ୍ୟ ପ୍ରଶାସନ।

ଗତ ଏପ୍ରିଲରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଥମେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ ଟିମ୍ ପରିଦର୍ଶନରେ ଆସି ବିଭିନ୍ନ ଅବ୍ୟବସ୍ଥା ଦର୍ଶାଇଥିଲେ। ଏହାକୁ ସୁଧାରିବାକୁ ୫ ମାସ ସମୟ ଦେଇଥିଲେ। ଏହାପରେ ସେପ୍ଟେମ୍ବର ୧୬ ଓ ୧୭ ତାରିଖରେ ଜାତୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଲକ୍ଷ୍ୟ ଟିମ୍ ପରିଦର୍ଶନରେ ଏଠାକୁ ଆସିଥିଲେ। ଏହି ସମୟରେ ଲେବର ରୁମ୍‌ରେ ୫-ଟି ଭିତ୍ତିଭୂମିକୁ ଅନୁଧ୍ୟାନ କରିଥିଲେ। ପ୍ରସୂତିଙ୍କୁ କିଭଳି ଚିକିତ୍ସା ପ୍ରଦାନ କରାଯାଉଛି, ପ୍ରସୂତି ସମୟରେ ସେମାନଙ୍କ ପ୍ରାଇଭେସି ରହୁଛି କି ନାହିଁ, ଗୋଟିଏ ପ୍ରସବ ପରେ ଲେବର ରୁମ୍‌କୁ କିଭଳି ସଫା ସୁତରା ରଖାଯାଉଛି ଆଦି ଘଟଣାର ଅନୁଧ୍ୟାନ କରିଥିଲେ। ଏଥିରେ ଲକ୍ଷ୍ୟ ଟିମ୍ ସନ୍ତୋଷ ବ୍ୟକ୍ତ କରିଥିବାବେଳେ ଅସ୍ତ୍ରୋପଚାର ରୁମ୍‌ରେ ବ୍ୟବସ୍ଥା ଠିକ୍ ନ ଥିବାରୁ ୧୦୦ରୁ ୮୨ ନମ୍ବର ପ୍ରଦାନ କରାଯାଇଛି। ତେବେ ଅସ୍ତ୍ରୋପଚାର ବିଭାଗରେ ଥିବା ସମସ୍ୟାରେ ସୁଧାର ଅଣାଯିବ ବୋଲି ମେଡିକାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ।

# ମା’ ଉମାଦେବୀଙ୍କ ରତ୍ନମୁଦ ସମ୍ପନ୍ନ

**ଛେଣ୍ଡିପଦା,୩।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଟାଙ୍ଗିର ପଞ୍ଚାୟତର ବାଲିପଶିଠାରେ ଥିବା ମା’ ଉମାଦେବୀଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସରପଞ୍ଚ ଅମରେଶ ନାଥ, ବାରମଞ୍ଚା ଗ୍ରାମ ସଭାପତି ଉମେଶ ଚନ୍ଦ୍ର ପ୍ରଧାନ, ଉମାଦେବୀ ପୀଠ ସଭାପତି ଦୟାନିଧି ବେହେରା ଯୋଗଦେଇଥିଲେ। ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ମୁଖ୍ୟ ପଣ୍ଡିତ ରୋହିତ କୁମାର ଦାସ ଓ ତନୁଜ କୁମାର ଆଚାର୍ଯ୍ୟ ଏବଂ ସହଯୋଗୀଙ୍କ ଦ୍ୱାରା ଯଜ୍ଞ ଓ ରତ୍ନମୁଦ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦିତ ହୋଇଥିଲା। କର୍ତ୍ତା ଭାବେ ବିଶ୍ୱନାଥ ପ୍ରଧାନ ଓ ମାଳତି ପ୍ରଧାନ ଯୋଗ ଦେଇଥିଲେ। ଛେଣ୍ଡିପଦା ଡ୍ରାଇଭର ସଂଘ ପକ୍ଷରୁ ଭକ୍ତମାନଙ୍କ ପାଇଁ ପାନୀୟର ବ୍ୟବସ୍ଥା କରାଯାଇଥିଲା। ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ଜିଲାପରିଷଦ ସଦସ୍ୟ ନଗେନ ପ୍ରଧାନ, ପ୍ରଦୀପ କୁମାର ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ରବିନାରାୟଣ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରାଣବନ୍ଧୁ ବେହେରା, ସତ୍ୟବାଦୀ ବେହେରା, ଆଦିକନ୍ଦ ବେହେରା, ଘାଷିରାମ ମାଝି, ମନ୍ଦିର କମିଟି କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଓ ଯୁବଗୋଷ୍ଠୀ ଏହାକୁ ପରିଚାଳନା କରିଥିଲେ।



ମହିଳା ପୁରୁଷମାନେ କଳସ ଯାତ୍ରାରେ ସାମିଲ ହୋଇଛନ୍ତି।

# ଏଡ୍‌ସର ଭୟାବହତା ସମ୍ପର୍କରେ ଆଲୋଚନା

**ତାଳଚେର, ୩।୧୨ (ନି.ପ୍ର.)**

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହଠାରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ପ୍ରାଧାପିକା ଜୟଶ୍ରୀ ତିୱାରୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଶ୍ୱ ଯୁବକେନ୍ଦ୍ର ଓ ଚାଇଲ୍ଡ ଲାଇନ୍ ଅନୁଗୋଳର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡସ୍‌ର ଭୟାବହତା ଓ ଏହାର ସଚେତନତା ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଡାକ୍ତର ଚିନ୍ମୟୀ ମିଶ୍ର ଯୋଗଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କଳ୍ପନା ବୋଇତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ଶଶାଙ୍କ ପ୍ରଧାନ, ନବକିଶୋର ମହାପାତ୍ର, ଡ. ଚମ୍ପକ ସାହୁ, ଡ. ବାଂଗ୍ମୟୀ କବିକନ୍ୟା, କ୍ରିଷ୍ଣନାରାଣୀ ଲିମା, ଶିବରାମ ସାହୁ, ମଧୁସ୍ମିତା ନାୟକ, ରୁବିନା ବେହେରା, ରାକେଶ ମଲ୍ଲିକ, ସୁରେଶ ବେହେରା, ରୋହିତ କୁମାର ମିଶ୍ର, ନେକୁରିଆ ସାହୁ, ଶାଶ୍ୱତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱ ଯୁବକେନ୍ଦ୍ର ସହ ସମ୍ପାଦକ କ୍ଷୀରେନ୍ଦ୍ର ମୋହନ ଦେହୁରୀ ଧନ୍ୟବାଦ ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ପରିଚାଳନା ସମିତି ଗଠନ



ଅଖିଳ ମହାପାତ୍ର



ସତ୍ୟବାନ ବରାହ

**ବଣ୍ଟଁରପାଳ,୩।୧୨(ଡି.ଏନ.ଏ.)**

ବଣ୍ଟଁରପାଳ ସରସ୍ୱତୀ ବିଦ୍ୟାମନ୍ଦିରର ନୂତନ ପରିଚାଳନା ସମିତି ଗଠନ ପାଇଁ ସ୍କୁଲ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ଉତ୍ତର ସମ୍ଭାଗ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ। ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ ନୂତନ ପରିଚାଳନା କମିଟି ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ସଭାପତି ଭାବେ ସତ୍ୟବାନ ବରାହ, ଉପସଭାପତି ପ୍ରକାଶ ଚନ୍ଦ୍ର ସିଂହ, ସମ୍ପାଦକ ଅଖିଳ ମହାପାତ୍ର, ସହ ସମ୍ପାଦକ ସୁମନ୍ତ ସାମଲ, କୋଷାଧକ୍ଷ ଅକ୍ଷୟ ସେନାପତି, ସଦସ୍ୟା ପଦ୍ମିନୀ ବେହେରା, ପ୍ରଭାତୀ ନାଏକ, ଆଚାର୍ଯ୍ୟ ପ୍ରତିନିଧି ଭାବେ ତନ୍ମୟ ନାଥଙ୍କ ନାମ ସଂଯୋଜକ ମଧୁସୂଦନ ବାରିକ ଘୋଷଣା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ରୋଗର ପରିଣାମ ସମ୍ପର୍କରେ ବୁଝାଇଲେ

## ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ଏଡ୍ସ ଦିବସ

**ଅନୁଗୋଳ ଅଫିସ, ୩।୧୨**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପି ଫାଉଣ୍ଡେସନ, ଜିଲା ଏଡ୍ସ ନିରାକରଣ ଏବଂ ନିୟନ୍ତ୍ରଣ ୟୁନିଟ୍ (ଡାପସୁ) ଓ ଅନ୍ୟମାନଙ୍କ ସହଯୋଗରେ ବିଶ୍ୱ ଏଡସ୍ ଦିବସ ୨୦୨୨ ପାଳିତ ହୋଇଯାଇଛି। ଏହି ଅବସରରେ ଜେଏସ୍‌ପି ଫାଉଣ୍ଡେଶନର କ୍ଷେତ୍ର କାର୍ଯ୍ୟକର୍ତ୍ତାମାନେ ଲୋକଙ୍କୁ ଏହି ଭୟାବହ ରୋଗର ପରିଣାମ ବିଷୟରେ ଅବଗତ କରାଇଥିଲେ। ଏଥିସହ ଏଥିରୁ କିପରି ନିଜକୁ ରକ୍ଷା କରିପାରିବେ ସେ ନେଇ ସଚେତନ କରିଥିଲେ। ଏଡ୍ସ ଏବଂ ଏହାର ପ୍ରତିରୋଧ ବିଷୟରେ ସଚେତନତା ସୃଷ୍ଟି ପାଇଁ ଜେଏସ୍‌ପି ଫାଉଣ୍ଡେଶନ୍ ପକ୍ଷରୁ ବହୁ ସଂଖ୍ୟକ ପୋଷ୍ଟର, ବ୍ୟାନର, ଷ୍ଟିକର ଆଦି କରାଯାଇ ଜିଲାର ବିଭିନ୍ନ ସ୍ଥାନରେ ଲଗାଯାଇଥିଲା। ଟ୍ରକ୍ ଡ୍ରାଇଭରମାନଙ୍କୁ ବ୍ୟକ୍ତିଗତ ପରାମର୍ଶ ସହାୟତା ଯୋଗାଇବା ପାଇଁ ଇଣ୍ଟିଗ୍ରେଟେଡ୍ କାଉନସେଲିଂ ଆଣ୍ଡ ଟେଷ୍ଟିଂ ସେଣ୍ଟର (ଆଇସିଟିସି) ସାହାଯ୍ୟରେ ଏକ ଶିବିରର ଆୟୋଜନ କରାଯାଇଥିଲା। ରାସ୍ତାର ବିଭିନ୍ନ ସ୍ଥାନରେ ସ୍ଥାନୀୟ ଲୋକ ନୃତ୍ୟ (ଡାଲଖାଇ ନୃତ୍ୟ) ସହିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ସଚେତନତା ସୃଷ୍ଟି କରାଯାଇଥିଲା। ଲୋକଙ୍କୁ ସଚେତନ କରାଇବା ପାଇଁ ଜେଏସ୍‌ପି ଫାଉଣ୍ଡେଶନ ଦ୍ୱାରା ଏକ ସାଧାରଣ ଦସ୍ତଖତ ଅଭିଯାନ ମଧ ଆୟୋଜନ କରାଯାଇଥିଲା। ସୂଚନାଯୋଗ୍ୟ, ଏଚଆଇଭି / ଏଡ୍ସର ମୁକାବିଲା ପାଇଁ ଏକ ନୈତିକ ଭାଗୀଦାରି ଭାବରେ ଜେଏସ୍‌ପି ଅନୁଗୋଳ ନ୍ୟାଶନାଲ ଏଡ୍ସ କଣ୍ଟ୍ରୋଲ ସୋସାଇଟି ସହିତ ନିଯୁକ୍ତିଦାତା ଆଧାରିତ ମଡେଲରେ ସ୍ୱାକ୍ଷର କରିଛି। ଅଦ୍ୟାବଧି ୪୭ ଲକ୍ଷ ୬ ହଜାର ୯୮୬ ଜଣଙ୍କୁ ଏଚ୍‌ଆଇଭି ପରାମର୍ଶ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇ ୪୪ ଲକ୍ଷ ୯ ହଜାର ୭୧୩ ଜଣଙ୍କ ଏଚ୍‌ଆଇଭି ପରୀକ୍ଷା କରାଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।




ବିଶ୍ୱ ଏଡ୍ସ ଦିବସରେ ସଚେତନତା ସୃଷ୍ଟି କରାଯାଉଛି।

# ଅତୀତର ସ୍ମୃତି ସାଉଣ୍ଟିବେ ପର୍ଯ୍ୟଟକ



ବ୍ଲାକ ଡାଇମଣ୍ଡ ନିର୍ମାଣ କାର୍ଯ୍ୟର ତଦାରଖ କରୁଛନ୍ତି ଆର୍‌ଡିସି ଓ ଅନ୍ୟ ଅଧିକାରୀ।

**ଅନୁଗୋଳ ଅଫିସ, ୩।୧୨**

ଅନୁଗୋଳ ଗସ୍ତରେ ଥିବା ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ସହର ଓ ଉପକଣ୍ଠରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଆରଡିସିଙ୍କ ସହ ଅତିରିକ୍ତ ଜିଲାପାଳ(ରାଜସ୍ୱ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଅନୁଗୋଳ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ଆର୍‌ଡିସି ପ୍ରଥମେ ନୂତନ ବସ୍‌ଷ୍ଟାଣ୍ଡ

### ଉନ୍ନୟନ କାର୍ଯ୍ୟ ପରିଦର୍ଶନ କଲେ ଆର୍‌ଡିସି

ପରିଦର୍ଶନ କରି ଚାଲିଥିବା କାର୍ଯ୍ୟ ନେଇ ସନ୍ତୋଷ ପ୍ରକାଶ କରିଥିଲେ। ପରେ ବ୍ଲାକ ଡାଇମଣ୍ଡ କାର୍ଯ୍ୟ ବୁଲି ଦେଖିଥିଲେ। ଉଚ୍ଚମାନର କାମ ସାଙ୍ଗକୁ ଅନ୍ତର୍ଜାତୀୟସ୍ତରର ପାଠାଗାର, ଅଡିଟୋରିୟମ୍‌, ଗାନ୍ଧୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସ୍ଥାନ ଓ ଅନୁଗୋଳ ଇତିହାସକୁ ଏଥିରେ ସାମିଲ କରାଯାଇଥିବାରୁ ଜିଲାବାସୀ ଓ ବିଭିନ୍ନ ସ୍ଥାନରୁ ଆସିବାକୁ ଥିବା ପର୍ଯ୍ୟଟକମାନେ ଅତୀତର ସ୍ମୃତି ଏଠାରୁ ସାଉଣ୍ଟିବେ ବୋଲି କହିଥିଲେ। ପରେ ରାଜପଥ ନିର୍ମାଣ କାର୍ଯ୍ୟ ଓ ବାଇପାସ୍‌ ନିର୍ମାଣ ଅନୁଧ୍ୟାନ କରିଥିଲେ। କାର୍ଯ୍ୟରେ ମନ୍ଥର ଗତିକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଏକ ମାସ ପରେ ସେ ପୁଣି ରାଜପଥ କାର୍ଯ୍ୟ ଅନୁଧ୍ୟାନ କରିବାକୁ ଆସିବେ ବୋଲି କହିଥିଲେ। ଏପରି କି କାର୍ଯ୍ୟ ମନ୍ଥର ଗତିରେ ଚାଲିଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହାପରେ ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ ଗସ୍ତରେ ଯାଇ ପରୀକ୍ଷାଫଳ ଭଲ ହେବା ପାଇଁ ଟାର୍ଗେଟ ଦେଇଥିଲେ। ସେହିପରି ରନ୍ତଲେଇ ଠାରେ ମିଶନ ଶକ୍ତି ଗୃହ ପରିଦର୍ଶନ କରି ସେଠାରେ ଚାଲିଥିବା କାର୍ଯ୍ୟକ୍ରମ ଦେଖିଥିଲେ।

## ଏଚ୍‌ଆଇଭି ସମ୍ପର୍କରେ ଆଲୋଚନା

**ଆଠମଲ୍ଲିକ, ୩।୧୨ (ଡି.ଏନ.ଏ.)**

ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍‌ ଏବଂ ଯୁବ ରେଡ୍‌କ୍ରସ ସମାଜର ମିଳିତ ଉଦ୍ୟମରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ ଅଧ୍ୟକ୍ଷତା କରି ଏଡ୍‌ସର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। ସେହିପରି ପ୍ରାଣୀ ବିଜ୍ଞାନ ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀକାନ୍ତ ମେହେର ଏଡ୍‌ସ ରୋଗର କାରଣ, ଲକ୍ଷଣ ଏବଂ ପ୍ରାକ୍‌-ସଚେତନତା ଉପରେ ବିସ୍ତୃତ ମତ ରଖିଥିଲେ। ଶରୀର ବିଜ୍ଞାନ ଅଧ୍ୟାପକ ବ୍ରଜ ଗୋପାଳ ମିଶ୍ର ଏବଂ ଗଣିତ ଅଧ୍ୟାପକ ଗୋପବନ୍ଧୁ ପ୍ରଧାନ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଶାନ୍ତା ପଣ୍ଡା ଯୋଗଦେଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ବଇଣ୍ଡା, ୩।୧୨ (ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନଙ୍କ ଶନିବାର ତାଙ୍କ ପିପିଳବାହାଳ ବାସଭବନଠାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ପରଲୋକକୁ ନେଇ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଦେଶର ଉନ୍ନତି କରିବାକୁ ଆହ୍ୱାନ



ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୩।୧୨**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଅକ୍ଷମ କଲ୍ୟାଣ ସମିତି ଦ୍ୱାରା ପରିଚାଳିତ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଶନିବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି ସଚେତନତା ଶିବିରକୁ ପାରିବାରିକ ଅଦାଲତ ବିଚାରପତି ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ ଉଦ୍‌ଘାଟନ କରି ଭିନ୍ନକ୍ଷମ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏଥିସହିତ ଜଣେ ଭଲ ମଣିଷ ହୋଇ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ପ୍ରାଧିକରଣ ସଚିବ ମମିତା ସାହୁ, ଭିନ୍ନକ୍ଷମ ପିଲାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ ସୁଧାଶ୍ରୀ ସୁରଝଲିଆ, ଗାର୍ଗୀ ରାୟ ଏବଂ ଅକ୍ଷମ କଲ୍ୟାଣ ସମିତି ବିଦ୍ୟାଳୟର ଶିକ୍ଷକମାନେ ଶିବିରରେ ଯୋଗ ଦେଇଥିଲେ।

LITTLE ANGELS PUBLIC SCHOOL
BARPALI
Affiliated to C.B.S.E., Delhi. Affi No.: 1530146, School No.:53092 Dr Mund Lane, Barpali
1ST DEC
ADMISSION OPEN !
SESSION 2023-24
PRE- NURSERY TO IX- XI (SCIENCE)
STATE OF ART INFRASTRUCTURE
QUALITY EDUCATION
CCA , SPORTS AND CLUB ACTIVITIES
WELL EQUIPPED LIBRARY AND LABS
NCC WING
SEPARATE BOARDING FOR BOYS AND GIRLS
LIMITED SEATS!!
* 25% OF TOTAL SEATS RESERVED UNDER RTE ACT 2009
9337092266, 6372329224 info@angels.ac.in angels.ac.in

## ରାସ୍ତା ଉପରେ ପାଚେରି ନିର୍ମାଣ

ଢେଙ୍କାନାଳ ଅଫିସ, ୩।୧୨ - ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମଙ୍ଗଳପୁର-କମଳାଙ୍ଗ ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ ଶନିବାର ପାଚେରି ନିର୍ମାଣ କରାଯାଇ ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରାଯାଇଛି। ଏହାକୁ ନେଇ ମଙ୍ଗଳପୁର ଓ କମଳାଙ୍ଗ ପଞ୍ଚାୟତରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୩-୧୪ ମସିହାରେ ମଧ୍ୟ ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ଅବରୋଧ କରି ପାଚେରି ନିର୍ମାଣ ହୋଇଥିଲା। ଅଞ୍ଚଳବାସୀଙ୍କ ଦାବିପରେ ଜିଏମ୍‌ଆର୍‌ ପାଓାର୍‌ ପ୍ଲାଣ୍ଟ କମ୍ପାନୀ ରାସ୍ତା ଖୋଲି ଦେଇଥିଲେ। ଏହାପରେ ପୁଣିଥରେ ରାସ୍ତା ଉପରେ ପାଚେରି ନିର୍ମାଣ କରାଯାଇ ଅବରୋଧ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ଦେଖାଯାଇଛି।



# ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟିତ



ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

**ଢେଙ୍କାନାଳ ଅଫିସ, ୩।୧୨**

ଢେଙ୍କାନାଳ ଜିଲା ସଦର ବ୍ଲକ ତରଭା ଗ୍ରାମସ୍ଥିତ ବଟବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶନିବାର ରାଜ୍ୟସ୍ତରୀୟ ୨୭ତମ କନିଷ୍ଠ ବାଳିକା ଓ ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲା ହ୍ୟାଣ୍ଡବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତା ୨ଦିନ ଧରି ଅନୁଷ୍ଠିତ ହେବ। ବାଳିକା ବିଭାଗରେ ପ୍ରଥମ ସେମି ଫାଇନାଲକୁ ଭୁବନେଶ୍ୱର ଓ ଖୋର୍ଦ୍ଧା ଏବଂ ଦ୍ୱିତୀୟ ସେମିଫାଇନାଲକୁ କଟକ ଓ ପୁରୀ ଦଳ ଉନ୍ନୀତ ହୋଇଛନ୍ତି। ସେହିପରି ବାଳକ ବର୍ଗରେ ଢେଙ୍କାନାଳ ଏବଂ ଭୁବନେଶ୍ୱର ସେମି ଫାଇନାଲକୁ ଉନ୍ନୀତ ହୋଇଥିବା ସମ୍ପାଦକ ପ୍ରେମାନନ୍ଦ ବିହାରୀ, ପରିଚାଳନା ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ ଜଣାଇଛନ୍ତି। ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସଦର ବିଡିଓ ସୁଧୀର କୁମାର ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ବେହେରା, ସହକାରୀ ଯନ୍ତ୍ରୀ ଶ୍ରୀମନ୍ତ ଆଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ ଦୀପକ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ବଟବିହାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସରୋଜିନୀ ସାହୁ, ଶ୍ରୀପ୍ରସାଦ ରାୟ, ଯଶୋବନ୍ତ ପରମଗୁରୁ, ଅର୍ଣ୍ଣବ ସିହ୍ନା, ଜୀବନଜ୍ୟୋତି ନାୟକ ଓ ପ୍ରଭାତ ପ୍ରଧାନ ଖେଳ ପରିଚାଳନା କରିଥିଲେ। ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ଆନୁକୂଲ୍ୟରେ ଜିଲା ହ୍ୟାଣ୍ଡବଲ ଆସୋସିଏଶନ ପକ୍ଷରୁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

See Career Appointment on every Wednesday & Saturday

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ସମଗ୍ର ଆଠଗଡ଼-ତିଗିରିଆବାସୀ, ମା' ମାଉସୀ, ଭାଇ, ଭଉଣୀ, ଯୁବକ, ଛାତ୍ର ତଥା ମଜଦୁର ସଂଗଠନ, ଚାଷୀ ମୂଲିଆ ଓ ଆଦିବାସୀ-ହରିଜନ ଭାଇଭଉଣୀଙ୍କୁ ଶୁଭେଚ୍ଛା।
(ଅକ୍ସିଜେନ୍‌ ବିନା କାହାରିକୁ ବିପଦ ମୁହଁକୁ ଠେଲିଦିଆଯିବ ନାହିଁ)
ରାତି ଅଧରେ ଆପଣଙ୍କ ସାଥିରେ
ଶ୍ରୀଯୁକ୍ତ ମାନସ ରଞ୍ଜନ ବସ୍ତିଆ
ଯୁବ ସଂଗଠକ, ସମାଜସେବୀ ତଥା ସଭାପତି, ଆଠଗଡ଼ ବିକାଶ ମଞ୍ଚ

ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୯ତମ ଜନ୍ମ ଦିବସ ଅବସରରେ ଗଞ୍ଜାମ ବ୍ଲକ୍‌ ସମସ୍ତ ବର୍ଗର ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଶ୍ରୀ ଲକ୍ଷ୍ମଣ ନାହାକ
ସମ୍ପାଦକ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ, ଗଞ୍ଜାମ ବ୍ଲକ୍‌
ଶ୍ରୀ ଗଜେନ୍ଦ୍ର ମାଝୀ
ସଭାପତି, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ, ଗଞ୍ଜାମ ବ୍ଲକ୍‌

ସତ୍ୟ ଓ ନିରପେକ୍ଷ ଦୈନିକ ଖବରକାଗଜ ଧରିତ୍ରୀର ୪୯ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ତରୁଣ କୁମାର ନାୟକ
କନିଷ୍ଠ ଯନ୍ତ୍ରୀ, ଦଶମନ୍ତପୁର ବ୍ଲକ୍‌

# ଜିଲା ଅନ୍ତର୍ନିବେଶୀ ଶିକ୍ଷା ସାଧନକେନ୍ଦ୍ର ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ, ୩।୧୨**

ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ ଜିଲା ସମଗ୍ରଶିକ୍ଷା କାର୍ଯ୍ୟାଳୟ ପରିସରରେ ଶନିବାର ଜିଲା ଅନ୍ତର୍ନିବେଶୀ ଶିକ୍ଷା ସାଧନକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସାଧନ କେନ୍ଦ୍ରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଥେରାପି, ତାଲିମ ଓ ଅଭିଭାବକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ସରକାରୀସ୍ତରରେ ବିଭିନ୍ନ ସୁବିଧା ସୁଯୋଗ ଅନ୍‌ଲାଇନ ମାଧ୍ୟମରେ ଉପଲବ୍ଧ ହେବ। ଏଥିସହିତ ବାଣୀଶ୍ରୀ ବୃତ୍ତି, ମାଟ୍ରିକ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ବୃତ୍ତି, ବିଭିନ୍ନ ଧରଣର ଯାତାୟାତ ଭତ୍ତା, ଛାତ୍ରୀଙ୍କ ବୃତ୍ତି ଆବେଦନ ପାଇଁ କମ୍ପ୍ୟୁଟର ଓ ଇଣ୍ଟରନେଟ ବ୍ୟବସ୍ଥା ରହିଛି। ସେହିପରି ଉକ୍ତ କେନ୍ଦ୍ରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ବାଧାମୁକ୍ତ ଶୌଚାଳୟ, ଗମନାଗମନ ପାଇଁ ହ୍ୟାଣ୍ଡେଲ ସାଙ୍ଗରେ ର୍ୟାମ୍ପ ଓ ମନୋରଞ୍ଜନ ପାଇଁ ଟେଲିଭିଜନ, ଖେଳ ଉପକରଣ ରହିଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ହୁଇଲ ଚେୟାର, ଆଶାବାଡି, ଶ୍ରବଣ ଯନ୍ତ୍ର ଓ ସ୍ମାର୍ଟପେନ ବଣ୍ଟନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ଖୁଣ୍ଟିଆ, ସଦର ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ସମଗ୍ର ଶିକ୍ଷାର ମୁଖ୍ୟ ଜିଲା ପ୍ରକଳ୍ପ ସଂଯୋଜିକା ତଥା ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ଅନ୍ତର୍ନିବେଶୀ ଶିକ୍ଷା ସାଧନକେନ୍ଦ୍ରକୁ ଉଦ୍‌ଘାଟନ କରାଯାଉଛି।

ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରତାପ କୁମାର ଦେବ (ପପୁନ ଭାଇ)
ବିଜୁ ଯୁବ ଜନତା ଦଳ, ଜିଲ୍ଲା ସଭାପତି, ଦେବଗଡ଼

ଓଡ଼ିଶାବାସୀଙ୍କୁ ସେବା ଯୋଗାଉଥିବା 'ଧରିତ୍ରୀ'ର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର, ଅଫିସର ଏବଂ କର୍ମଚାରୀଙ୍କ ପକ୍ଷରୁ ଓଡ଼ିଶାବାସୀ ଜନସାଧାରଣଙ୍କୁ ଶୁଭ ଅଭିନନ୍ଦନ। ଶ୍ରୀଜଗନ୍ନାଥଙ୍କ ଅସୀମ କୃପାରୁ ସମସ୍ତଙ୍କର ସ୍ୱାସ୍ଥ୍ୟ ଅତୁଟ ରହୁ। 'ଧରିତ୍ରୀ'ର ଦୀର୍ଘ ନିରାମୟ ଜୀବନ କାମନା କରୁଛି ।
ଡାକ୍ତର ଦିଲ୍ଲୀପ କୁମାର ଦାସ
ଭାରପ୍ରାପ୍ତ ଚିକିତ୍ସାଧିକାରୀ
ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆଠଗଡ଼ ବ୍ଲକ୍‌, ଥା.- ଖୁଣ୍ଟୁଣୀ, କଟକ

ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରଜିତ କୁମାର ଭୋଜ (ଝୁନୁ ଭାଇ)
ଉପାଧ୍ୟକ୍ଷ, ପୌର ପରିଷଦ, ଦେବଗଡ଼

# ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସଚେତନତା ଜରୁରୀ

**ଢେଙ୍କାନାଳ ଅଫିସ, ୩।୧୨**

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍‌ରେ ଶନିବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଦିବ୍ୟାଙ୍ଗମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେଥିପ୍ରତି ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର,

### ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଐରା ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା, ଅକ୍ଷମ କଲ୍ୟାଣ ସମିତି ସମ୍ପାଦକ ବିଶ୍ୱନାଥ ବେହେରା ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସମସ୍ତଙ୍କ ଗୁରୁଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ ଭିନ୍ନକ୍ଷମଙ୍କ ପାଇଁ ଉପଲବ୍ଧ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ପାରଦର୍ଶୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ଭିନ୍ନକ୍ଷମ ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ତିନିଚକିଆ ସାଇକେଲ, ହୁଇଲ ଚେୟାର, ଆଶାବାଡି, ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ସକାଳ ୯ଟାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ଭିନ୍ନକ୍ଷମଙ୍କୁ ସେବା ଯୋଗାଉଥିବା ଅନୁଷ୍ଠାନର କର୍ମକର୍ତ୍ତା, ମାନସିକ ଅନଗ୍ରସର ଓ ବଧିର ବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀମାନେ ସ୍ଥାନୀୟ ମିନି ଷ୍ଟାଡିୟମଠାରୁ ପୁରୁଣା ଜିଲା ପରିଷଦ ହଲ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରାରେ ଯାଇଥିଲେ। ଏହି ଶୋଭାଯାତ୍ରାକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲାପାଳଙ୍କ ସମେତ ଏହି ଶୋଭାଯାତ୍ରାରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱନ ଓ ପୌର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ଜଣେ ଦିବ୍ୟାଙ୍ଗଙ୍କ ହାତଧରି ଶୋଭାଯାତ୍ରାରେ ଯାଉଛନ୍ତି।

BEST WISHES TO 'DHARITRI' 49th BIRTH ANNIVERSARY
From
Dr. SASHIBHUSAN MISHRA
PRINCIPAL
STAFF & STUDENTS
OF
RADHANATH RATH BIGYAN DEGREE MAHAVIDYALAYA, KHUNTUNI, CUTTACK, ODISHA

ସତ୍ୟ ଓ ନିରପେକ୍ଷ ଦୈନିକ ଖବରକାଗଜ ଧରିତ୍ରୀର ୪୯ତମ ଜନ୍ମ ବାର୍ଷିକୀ ଉପଲକ୍ଷେ କୋରାପୁଟ ମ୍ୟୁନିସିପାଲିଟିର ସମସ୍ତ ବାପା, ମା, ଭାଇ ଓ ଭଉଣୀଙ୍କୁ ଅନେକ ଅନେକ ଅଭିନନ୍ଦନ ଏବଂ ଶୁଭକାମନା ।
ଲଲାଟ ରଞ୍ଜନ ସେଠୀ
ଅଧ୍ୟକ୍ଷ, କୋରାପୁଟ ମ୍ୟୁନିସିପାଲିଟି

